# India-Türkiye Foreign Office Consultations

June 11, 2022

## ଭାରତ-ତୁର୍କୀ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଜୁନ 11, 2022**

ଭାରତ-ତୁର୍କୀ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) ର ଏକାଦଶ ପର୍ଯ୍ୟାୟ ବୈଠକ 10 ଜୁନ 2022 ରେ ଅଙ୍କାରାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ସଚିବ (ପଶ୍ଚିମ) ଶ୍ରୀ ସଞ୍ଜୟ ବର୍ମା ଏବଂ ତୁର୍କୀର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ମାନ୍ୟବର ଶ୍ରୀ ସେଦତ ଓନାଲ ସହ-ଅଧ୍ୟକ୍ଷତା କରିଥିଲେ। ମଇ 2019 ରେ ନୂଆଦିଲ୍ଲୀଠାରେ ଗତ ଏଫଓସି ଅନୁଷ୍ଠିତ ହୋଇଥିଲା।

2. ଏହି ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିଥିଲେ। ଉଭୟ ପକ୍ଷ ପ୍ରଶଂସା କରିଥିଲେ ଯେ 2021-2022 ରେ ବାଣିଜ୍ୟିକ ସମ୍ପର୍କରେ ଅଭିବୃଦ୍ଧି ଘଟି 10 ବିଲିୟନ ଆମେରିକୀୟ ଡଲାରରୁ ଅଧିକ ଦ୍ୱିପାକ୍ଷିକ ବାଣିଜ୍ୟ ହୋଇଛି। ତୁର୍କୀର ଅଟୋମୋବାଇଲ, ଫାର୍ମା ଏବଂ ଆଇଟି କ୍ଷେତ୍ରରେ ଭାରତୀୟ କମ୍ପାନୀମାନେ କାର୍ଯ୍ୟ କରୁଥିବାବେଳେ ତୁର୍କୀର କମ୍ପାନୀମାନେ ଭାରତର ଭିତ୍ତିଭୂମି ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସୁଯୋଗ ଦେଖୁଛନ୍ତି। ଉଭୟ ପକ୍ଷ ଅର୍ଥନୈତିକ, ସାଂସ୍କୃତିକ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଆଗକୁ ବଢାଇବାକୁ ରାଜି ହୋଇଥିଲେ।

3. ୟୁକ୍ରେନ ଏବଂ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ପ୍ରସଙ୍ଗ ସମେତ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର 75 ବର୍ଷ ପୂର୍ତ୍ତିକୁ ପାଳନ କରିବା ପାଇଁ ସେମାନେ ମଧ୍ୟ ସହମତ ହୋଇଥିଲେ।

4. ଆପୋଷ ବୁଝାମଣା ଓ ସଚ୍ଚୋଟତାର ଭାବନା ସହିତ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ଭାରତରେ ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ଆୟୋଜନ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 10, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.